# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**08th May – 2025**

**News Editor : Tapan Kumar Moharana**

*************************************

## ମୁଖ୍ୟ ସମ୍ବାଦ

- ଅପରେସନ ସିନ୍ଦୂର ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଆଜି ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗର ସଚିବମାନଙ୍କ ସହ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ
- ବୈଦେଶିକ ମନ୍ତ୍ରଣାଳୟ ଓ ସେନାବାହିନୀର ସାମ୍ବାଦିକ ସମ୍ମିଳନୀରେ ପାକିସ୍ତାନକୁ ପ୍ରତିଆକ୍ରମଣ କରାଯାଇଥିବା  ସୂଚନା
- ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଓଡ଼ିଶା ଗସ୍ତ ସ୍ଥଗିତ
- ଗଞ୍ଜାମ ଜିଲ୍ଲାର ମା’ ତାରାତାରିଣୀଙ୍କ ପୀଠରେ ବାକି ଥିବା ଉନ୍ନତୀକରଣ କାର୍ଯ୍ୟ ଖୁବ୍ ଶୀଘ୍ର ଶେଷ କରାଯିବ କହିଲେ, ମୁଖ୍ୟମନ୍ତ୍ରୀ

ଏବଂ

- ଗ୍ରୀଷ୍ମଛୁଟି ସମୟରେ ସରକାରଙ୍କ ନିର୍ଦ୍ଦେଶାବଳୀ ସଠିକ୍ ଭାବେ ପାଳନ ନ କଲେ ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ

# ଅପରେସନ୍ ସିନ୍ଦୂର

ଅପରେସନ ସିନ୍ଦୂରକୁ ନେଇ ବୈଦେଶିକ ମନ୍ତ୍ରଣାଳୟ ଓ ସେନାର ଏକ ସ୍ୱତନ୍ତ୍ର ସାମ୍ବାଦିକ ସମ୍ମିଳନୀ ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେଉଛି। ଅପରେସନ୍ ସିନ୍ଦୂର ପରିପ୍ରେକ୍ଷୀରେ ବୈଦେଶିକ ବ୍ୟାପାର ସଚିବ ବିକ୍ରମ ମିଶ୍ରି, କର୍ଣ୍ଣେଲ୍ ସୋଫିଆ କ୍ୟୁରେଶୀ ଏବଂ ଓ୍ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି। ପାକିସ୍ତାନ ପକ୍ଷରୁ ଡ୍ରୋନ୍ ଆକ୍ରମଣ ପରେ ଭାରତ ପକ୍ଷରୁ କଡା ଜବାବ ଦିଆଯିବା ସହ ଆଜି ସକାଳ ସମୟରେ ପାକିସ୍ତାନର ବିଭିନ୍ନ ସ୍ଥାନରେ  ଭାରତୀୟ ସଶସ୍ତ୍ରବାହିନୀ ପକ୍ଷରୁ ଏୟାର ଡିଫେନ୍ସ ସିଷ୍ଟମ ଏବଂ ରାଡାରକୁ ଲକ୍ଷ୍ୟ କରାଯାଇ ଆକ୍ରମଣ କରାଯାଇଥିଲା। ଏଥିରେ ଲାହୋର ଏୟାର ଡିଫେନ୍ସ ଲଞ୍ଚରକୁ ଧ୍ୱଂସ କରାଯାଇଥିବା ବୈଦେଶିକ ବ୍ୟାପାର ସଚିବ ଶ୍ରୀ ମିଶ୍ରି କହିଛନ୍ତି। ଉତ୍ତର ପଶ୍ଚିମ ଭାରତରେ ସାମରିକ କେନ୍ଦ୍ରକୁ ପାକିସ୍ତାନ ପକ୍ଷରୁ ଆକ୍ରମଣ କରାଯାଇଛି, ଯାହାର ପ୍ରମାଣ ମିଳିବା ପରେ ଭାରତୀୟ ସେନା ପକ୍ଷରୁ ରାଡାରକୁ ଟାର୍ଗେଟ କରାଯାଇ ନିଷ୍କ୍ରିୟ କରାଯାଇଥିବା କର୍ଣ୍ଣେଲ୍ କ୍ୟୁରେଶୀ କହିଛନ୍ତି।

**-V/O-**(Qureshi)

ପାକିସ୍ତାନ ପକ୍ଷରୁ ନିୟନ୍ତ୍ରଣ ସୀମାରେଖାରେ କ୍ରମାଗତ ଭାବେ ଅସ୍ତ୍ରବିରତି ଉଲ୍ଲଙ୍ଘନ ସହ ଗୁଳିଚାଳନା ଜାରି ରହିଛି। ଏଥିରେ ଭାରତର ୧୬ ଜଣ ନିରୀହ ନାଗରିକଙ୍କ ପ୍ରାଣହାନୀ ହୋଇଥିବା ଓ୍ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂ

କହିଛନ୍ତି । ଏହାର ଜବାବରେ ଭାରତ ପକ୍ଷରୁ ମୋଟାର ଓ ଆଟିଲାରୀ ମାଡ କରାଯାଇଛି ।

ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରି ସାମ୍ପ୍ରତିକ ପରିସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି ।

## ଉଚ୍ଚସ୍ତରୀୟ ବୈଠକ-ପିଏମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗର ସଚିବମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ଜାତୀୟ ସୁରକ୍ଷା ସମ୍ବନ୍ଧୀୟ ସାମ୍ପ୍ରତିକ ଘଟଣାକୁ ଦୃଷ୍ଟିରେ ରଖି ବୈଠକରେ ପ୍ରସ୍ତୁତି ଏବଂ ଆନ୍ତଃ ମନ୍ତ୍ରୀସ୍ତରୀୟ ସମନ୍ୱୟର ସମୀକ୍ଷା କରାଯାଇଛି । ବୈଠକରେ ପରିଚାଳନାଗତ ନିରନ୍ତରତା ଏବଂ ସଂସ୍ଥାଗତ ନମନୀୟତା ବଜାୟ ରଖିବା ପାଇଁ ମନ୍ତ୍ରଣାଳୟ ଏବଂ ଏଜେନ୍ସିଗୁଡ଼ିକ ମଧ୍ୟରେ ନିରବଚ୍ଛିନ୍ନ ସମନ୍ୱୟର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ସଚିବମାନଙ୍କୁ ନିଜ ମନ୍ତ୍ରଣାଳୟର କାର୍ଯ୍ୟକଳାପର ଏକ ବିସ୍ତୃତ ସମୀକ୍ଷା କରିବା ପାଇଁ ପ୍ରଧାନମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଜରୁରୀକାଳିନ ପ୍ରତିକ୍ରିୟା, ପ୍ରସ୍ତୁତି ଓ ଆଭ୍ୟନ୍ତରୀଣ ଯୋଗାଯୋଗ ସମ୍ବନ୍ଧୀୟ ନିୟମାବଳୀ ଉପରେ ବିଶେଷ ଧ୍ୟାନ ଦେବାକୁ ମଧ୍ୟ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

## ରାଜନାଥ ସିଂ

ଦେଶର ସୁରକ୍ଷା ପାଇଁ କୌଣସି ସୀମା ବାଧକ ହେବ ନାହିଁ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି । ଆଜି ନୂଆଦିଲ୍ଲୀରେ ଆୟୋଜିତ ନ୍ୟାସନାଲ କ୍ୱାଲିଟି କନ୍‌କ୍ଲେଭ୍‌ରେ ଯୋଗଦେଇ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂ

କହିଛନ୍ତି, ଅପରେସନ୍ ସିନ୍ଦୂରରେ ଭାରତୀୟ ସଶସ୍ତ୍ରବାହିନୀ ଆଧୁନିକ ଅସ୍ତ୍ରଶସ୍ତ୍ର ବ୍ୟବହାର କରି ଅତ୍ୟନ୍ତ ପରିପକ୍ୱତାର ସହିତ ପାକିସ୍ତାନ ଏବଂ ପାକିସ୍ତାନ ଅଧୀକୃତ କାଶ୍ମୀରର ୯ଟି ଆତଙ୍କବାଦୀ ଶିବିରକୁ ଧ୍ୱଂସ କରିଛି। ଏହି ଅପରେସନ୍‌ରେ କୌଣସି ସାଧାରଣ ନାଗରିକଙ୍କୁ କ୍ଷତି ପହଞ୍ଚାଯାଇନଥିବା ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି....

**-V/O-***(Rajnath Singh)*

# ଅପରେସନ୍ ସିନ୍ଦୂର

ଅପରେସନ ସିନ୍ଦୂରକୁ ନେଇ ବୈଦେଶିକ ମନ୍ତ୍ରଣାଳୟ ଓ ସେନାର ଏକ ସ୍ୱତନ୍ତ୍ର ସାମ୍ବାଦିକ ସମ୍ମିଳନୀ ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଯାଇଛି। ଅପରେସନ୍ ସିନ୍ଦୂର ପରିପ୍ରେକ୍ଷୀରେ ବୈଦେଶିକ ବ୍ୟାପାର ସଚିବ ବିକ୍ରମ ମିଶ୍ରି, କର୍ଣ୍ଣେଲ୍ ସୋଫିଆ କ୍ୟୁରେଶୀ ଏବଂ ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ପାକିସ୍ତାନ ପକ୍ଷରୁ ଡ୍ରୋନ୍ ଆକ୍ରମଣ ପରେ ଭାରତ ପକ୍ଷରୁ କଡା ଜବାବ ଦିଆଯିବା ସହ ଆଜି ସକାଳ ସମୟରେ ପାକିସ୍ତାନର ବିଭିନ୍ନ ସ୍ଥାନରେ  ଭାରତୀୟ ସଶସ୍ତ୍ରବାହିନୀ ପକ୍ଷରୁ ଏୟାର ଡିଫେନ୍ସ ସିଷ୍ଟମ ଏବଂ ରାଡାରକୁ ଲକ୍ଷ୍ୟ କରାଯାଇ ଆକ୍ରମଣ କରାଯାଇଥିଲା। ଏଥିରେ ଲାହୋର ଏୟାର ଡିଫେନ୍ସ ଲଞ୍ଚରକୁ ଧ୍ୱଂସ କରାଯାଇଥିବା ବୈଦେଶିକ ବ୍ୟାପାର ସଚିବ ଶ୍ରୀ ମିଶ୍ରି କହିଛନ୍ତି। ଉତ୍ତର ପଶ୍ଚିମ ଭାରତରେ ସାମରିକ କେନ୍ଦ୍ରକୁ ପାକିସ୍ତାନ ପକ୍ଷରୁ ଆକ୍ରମଣ କରାଯାଇଛି, ଯାହାର ପ୍ରମାଣ

ମିଳିବା ପରେ ଭାରତୀୟ ସେନା ପକ୍ଷରୁ ରାଡାରକୁ ଟାର୍ଗେଟ କରାଯାଇ ନିଷ୍କ୍ରିୟ କରାଯାଇଥିବା କର୍ଣ୍ଣେଲ୍ କ୍ୟୁରେଶୀ କହିଛନ୍ତି ।

**-V/O-**(Qureshi)

ପାକିସ୍ତାନ ପକ୍ଷରୁ ନିୟନ୍ତ୍ରଣ ସୀମାରେଖାରେ କ୍ରମାଗତ ଭାବେ ଅସ୍ତ୍ରବିରତି ଉଲ୍ଲଙ୍ଘନ ସହ ଗୁଳିଚାଳନା ଜାରି ରହିଛି । ଏଥିରେ ଭାରତର ୧୬ ଜଣ ନିରୀହ ନାଗରିକଙ୍କ ପ୍ରାଣହାନୀ ହୋଇଥିବା ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂ କହିଛନ୍ତି । ଏହାର ଜବାବରେ ଭାରତ ପକ୍ଷରୁ ମୋର୍ଟାର ଓ ଆର୍ଟିଲାରୀ ମାଡ କରାଯାଇଛି ।

ଅନ୍ୟପକ୍ଷେ ଆଜି ସ୍ଥଳସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସାକ୍ଷାତ କରି ସାମ୍ପ୍ରତିକ ପରିସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି ।

## ପାକିସ୍ତାନ ୱେବ୍‌ସିରିଜ୍

ଜାତୀୟ ନିରାପତ୍ତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପାକିସ୍ତାନର ସମସ୍ତ ୱେବ୍‌ସିରିଜ୍, ଚଳଚ୍ଚିତ୍ର, ସଂଗୀତ ଏବଂ ଅନ୍ୟାନ୍ୟ ଷ୍ଟ୍ରିମିଂ ମିଡିଆ ବିଷୟବସ୍ତୁକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

## ଅମିତ ଶାହା ଓଡ଼ିଶା ଗସ୍ତ ସ୍ଥଗିତ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ସ୍ଥଗିତ ରହିଥିବା ନେଇ ବିଜେପିର ବରିଷ୍ଠ ସଦସ୍ୟ ତଥା ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି । ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର କହିଛନ୍ତି,

ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଗସ୍ତ ବାତିଲ ଫଳରେ ଆସନ୍ତା ୧୦ ଏବଂ ୧୧ ତାରିଖରେ ଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି ।

## କର୍ମଶାଳା

ମହିଳା ଓ ଶିଶୁ ବିକାଶ ବିଭାଗ, ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ଲକ୍ଷ୍ୟ ନେଇ ଭୁବନେଶ୍ୱରଠାରେ ଆୟୋଜିତ ଦୁଇଦିନିଆ କର୍ମଶାଳା ଆଜି ଉଦ୍‌ଯାପିତ ହୋଇଯାଇଛି । ଏହି କର୍ମଶାଳାରେ  ଡିଜିଟାଲ ମନିଟରିଂ ଉପକରଣର ବ୍ୟବହାର, ଅନ୍‌ଲାଇନ୍ ବିଲ୍  ଜେନେରେଟ୍ ଓ ଅପ୍‌ଲୋଡର ବ୍ୟବହାର, ପ୍ରଭାବୀ ରିପୋର୍ଟିଂ ଆଦି ବିଭିନ୍ନ ବିଷୟରେ ତାଲିମ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ୩୦ଟି ଜିଲ୍ଲାର ସୁରକ୍ଷା ତଥା କାର୍ଯ୍ୟକ୍ରମ ଅଧିକାରୀ ଆର୍ଥିକ କାରବାରରେ ସମ୍ପୃକ୍ତ ଜିଲ୍ଲାସ୍ତରୀୟ କର୍ମଚାରୀ, ସଖି ନିବାସ ପରିଚାଳନା କରୁଥିବା ଅଣସଂଗଠନର ପ୍ରତିନିଧିମାନେ ଯୋଗଦେଇଥିଲେ ।

## ମୁଖ୍ୟମନ୍ତ୍ରୀ-ଗଞ୍ଜାମ ଗସ୍ତ

**ଗଞ୍ଜାମ** ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା’ ତାରାତାରିଣୀଙ୍କ ପୀଠର ବାକିଥିବା ଉନ୍ନତୀକରଣ କାର୍ଯ୍ୟକୁ ଖୁବ୍ ଶୀଘ୍ର ଶେଷ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।  ପୁରୁଷୋତ୍ତମପୁର ବ୍ଲକ୍ ଆଜି ମୁଖ୍ୟମନ୍ତ୍ରୀ ଗସ୍ତ କରି ମା’ ତାରାତାରିଣୀଙ୍କ ପୀଠକୁ ଯାଇ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ । ପରେ ଗାଙ୍ଗଦହଣୀ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟର ଶତବାର୍ଷିକୀ ସମାରୋହରେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍, ସାଂସଦ ଅନୀତା ଶୁଭଦର୍ଶିନୀ ପଟ୍ଟନାୟକଙ୍କ ସମେତ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଉପସ୍ଥିତ ଥିଲେ ।

# ଗ୍ରୀଷ୍ମ ନିର୍ଦ୍ଦେଶାବଳୀ

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗତମାସ ୨୨ ତାରିଖରୁ ସମସ୍ତ ଶିକ୍ଷାନୁଷ୍ଠାନଗୁଡ଼ିକୁ ଛୁଟି ଘୋଷଣା କରିଛନ୍ତି। ହେଲେ, କେତେକ ସ୍ଥାନରେ ଏହାର ବ୍ୟତିକ୍ରମ ନଜରକୁ ଆସିଛି। ଏ ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀମାନଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇ ସରକାରଙ୍କ ନିୟମ ଉଲ୍ଲଂଘନ କରୁଥିବା ଶିକ୍ଷାନୁଷ୍ଠାନଗୁଡ଼ିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି।

# ସାମାଜିକ ସୁରକ୍ଷା ଭତ୍ତା

ସମାଜର ସବୁ ବର୍ଗର ଲୋକଙ୍କୁ ସାମାଜିକ ସୁରକ୍ଷା ଭତ୍ତା ଯୋଗାଇଦେବା ପାଇଁ ସରକାର ସଂକଳ୍ପବଦ୍ଧ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ପୁରୀ ଜିଲ୍ଲା ନିମାପଡାଠାରେ ଆୟୋଜିତ ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ନିମାପଡା ବ୍ଲକ୍ ଅଧୀନସ୍ଥ ବିଭିନ୍ନ ପଂଚାୟତର ୩୧୧ ଜଣଙ୍କୁ ସୁରକ୍ଷା ଭତ୍ତା ପ୍ରଦାନ କରିଛନ୍ତି। କୃଷି କ୍ଷେତ୍ରରେ ମହିଳା ସଶକ୍ତୀକରଣ ନେଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ଉଦ୍ୟୋଗୀକତାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ୧୩ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ରାଶି ମଧ୍ୟ ପ୍ରଦାନ କରିଛନ୍ତି। ସେହିପରି ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଚୟନ ହୋଇଥିବା ୧୬ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଛତୁ ଚାଷ ପାଇଁ ଗୋଷ୍ଠୀ ପ୍ରତି ୮ ହଜାର ଟଙ୍କା ହିସାବରେ ମୋଟ୍ ୧ ଲକ୍ଷ ୪ ହଜାର ଟଙ୍କା ପ୍ରଦାନ କରିଛନ୍ତି। କାମଧେନୁ ଯୋଜନାରେ ୨୫ ଜଣ ହିତାଧିକାରୀଙ୍କୁ ୫୦୦ ବ୍ରଏଲର କୁକୁଡା ଚାଷ ପାଇଁ ଆବଶ୍ୟକୀୟ ସହାୟତା ରାଶି ପ୍ରଦାନ କରିଥିଲେ।

# କୁଳପତି ନିଯୁକ୍ତି ସମସ୍ୟା

ରାଜ୍ୟରେ ଖୁବ୍‌ଶୀଘ୍ର କୁଳପତି ଓ ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ବିଶ୍ୱବିଦ୍ୟାଳୟରେ କୁଳପତି ଓ ପ୍ରଫେସର ନିଯୁକ୍ତି ନେଇ ଯେଉଁ ସମସ୍ୟା ରହିଥିଲା ସୁପ୍ରିମ୍‌କୋର୍ଟ ତାଙ୍କ ରାୟରେ ତାହାର ସମାଧାନ କରିଛନ୍ତି। ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି, ଗତମାସରେ ରାଜ୍ୟ ସରକାର ଯେଉଁ ଅଧ୍ୟାଦେଶ ଆଣିଥିଲେ ତାହା ୟୁଜିସି ସହ ସମନ୍ୱୟ ରକ୍ଷା କରି ଅଣାଯାଇଛି।

# ପ୍ରାକୃତିକ ବିପର୍ଯ୍ୟୟ

**ଖୋର୍ଦ୍ଧା** ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକରେ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟକୁ ସଫଳ ଭାବେ ମୁକାବିଲା କରିବା ପାଇଁ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଗୁରୁତ୍ୱାରୋପ କରିଥିଲେ।

# ରେଡ୍‌କ୍ରସ ଦିବସ

ଆଜି ବିଶ୍ୱ ରେଡ୍‌କ୍ରସ ଦିବସ । ରେଡ୍‌କ୍ରସ ଓ ରେଡ୍ କ୍ରିସେଣ୍ଟ ଆନ୍ଦୋଳନର ପ୍ରତିଷ୍ଠାତା ହେନେରୀ ଡିଓନାଣ୍ଟଙ୍କ ସମ୍ମାନାର୍ଥେ ପ୍ରତିବର୍ଷ ମଇ ମାସ ୮ ତାରିଖ ଆଜିର ଦିନରେ ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ ହୋଇଆସୁଛି । ଅନ୍ତର୍ଜାତୀୟ ରେଡ୍‌କ୍ରସ ଓ ରେଡ୍ କ୍ରିସେଣ୍ଟ ଆନ୍ଦୋଳନ ସଂପର୍କରେ ଲୋକଙ୍କ ଧାରଣାକୁ ବ୍ୟାପକ କରିବା ପାଇଁ ଏହି ଦିବସ ପାଳନ କରାଯାଇଥାଏ । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି "ବିଶ୍ୱରେ ମାନବତାକୁ ବଞ୍ଚାଇ ରଖିବା" ।

ଏହି ଅବସରରେ **ନୟାଗଡ଼** ଜିଲ୍ଲା ପ୍ରଶାସନ ଓ ରେଡକ୍ରସ୍ ଫୋରମ୍‌ର ମିଳିତ ସହଯୋଗରେ ଏକ ଶୋଭାଯାତ୍ରା ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ସହର ପରିକ୍ରମା କରିଥିଲା। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। **କଳାହାଣ୍ଡି** ଜିଲ୍ଲା ରେଡକ୍ରସ୍ ସୋସାଇଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସମଗ୍ର ଦେଶରେ ମାନବିକତା ଏବଂ ସମ୍ମାନ ରକ୍ଷା ସହ ସୁସ୍ଥତାକୁ ବଜାୟ ରଖିବା ପାଇଁ ମତ ପ୍ରକାଶ ପାଇଥିଲା। **ସୁବର୍ଣ୍ଣପୁର** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରେଡ୍‌କ୍ରସ୍ ଶାଖା ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଅନନ୍ୟା ଦାସ ଶିବିରକୁ ଉଦ୍‌ଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

*********************************